# Akashvani, Sambalpur

# SAMBALPURI NEWS BULLETIN

## 11 January 2025- 6.47- 6.52 am.

*********************************************

ପ୍ରବାସୀ ଭାରତୀୟ ଦିବସ୍ ଉଦ୍‌ଯାପିତ   ଆର୍‌ଏନ୍‌ୟୁ/ ସମ୍ବଲପୁର

୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍‌ର ଉଦ୍‌ଯାପନୀ ସମାରୋହ ଉଧେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ପ୍ରବାସୀ ଓଡ଼ିଆମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ପ୍ରବାସୀମାନେ ଦେଶ୍ ବାହାରେ ରହିକରି ଭିଲ୍ ଓଡ଼ିଶାର୍ ବିକାଶ୍ ଆର୍ ଅସ୍ମିତାର୍ ସୁରକ୍ଷା ଦିଗେ କାମ୍ କରୁଛନ୍ । ଓଡ଼ିଶାର୍ ବିକାଶ୍ ଲାଗି ଡବଲ୍ ଇଞ୍ଜିନ୍ ସହେତେ ୩ ନମ୍ବର୍ ଇଞ୍ଜିନ୍ ଭାବେ ଏଛେନ୍ ପ୍ରବାସୀ ଇଞ୍ଜିନ୍ ଜୁଡ଼ି ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।  ଆଏବାଦିନେ ଓଡ଼ିଶାନୁ କୁଏତ୍ ଆର୍ କାତାର୍‌କେ ସିଧାସଲଖ୍ ବିମାନ୍ ଚାଲ୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇନ ଜନେଇ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍‌ର ଉଦ୍‌ଯାପନୀ ଉତ୍ସବ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ୍ ଦେଇକରି ପ୍ରବାସୀମାନ୍‌କୁ ସମ୍ମାନିତ୍ କରିଥିଲେ । କେନ୍ଦ୍ରମନ୍ତ୍ରୀମାନେ ଭିନ୍ ଭିନ୍ ଖେପେ ପ୍ରବାସୀ ଭାରତୀୟମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ଦେଶର୍ ବିକାଶ୍‌ଧାରାଥି ସାମିଲ୍ ହେବାର୍‌କେ ଆହ୍ୱାନ୍ କରିଥିଲେ ।

ଓଏସ୍‌ଆର୍‌ଟିସି -ବସ୍ ସେବା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୯ ଟା ନୂଆଁ ରାସ୍ତା ନ ଓଏସ୍‌ଆର୍‌ଟିସି ତର୍‌ଫୁ ୧୩ ଟା ବସ୍ ସେବା ମୁଲ୍ ହେଇଛେ । ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଆଭାସୀ ଜରିଏ ବସ୍ ସେବାର୍ ଶୁଭାରମ୍ଭ କରିଛନ୍ । ଇ ଭିତ୍‌ରୁ ଗୁଟେ ବସ୍ ଭୁବ୍‌ନେଶ୍ୱର୍‌ନୁ ରାଉର୍‌କେଲାକେ ସିଧାସଲଖ୍ ଯୁଡ଼୍‌ବା ।

ରତ୍ନଭଣ୍ଡାର୍ ମରାମତି ବନ୍ଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମକର୍‌ସଂକ୍ରାନ୍ତି ଆର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତିକେ ନଜର୍‌ଥି ରଖିକରି ଆଏବା ୧୨ ତାରିଖ୍‌ନୁ ୧୫ ତାରିଖ୍‌ତକ୍ ୪ ଦିନ୍ ଲାଗି ରତ୍ନଭଣ୍ଡାର୍ ମରାମତି କାମ୍ ବନ୍ଦ୍ ରହେବା । ଇ ବାବ୍‌ଦେ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମେଟ୍ରିକ୍ ପରୀକ୍ଷା- ରୋଡ଼୍‌ମେପ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ମାସ ୨୧ ତାରିଖ୍ ହେବାର୍‌କେ ଥିବା ମେଟ୍ରିକ୍ ପରୀକ୍ଷାଥି ଛାତ୍ରଛାତ୍ରୀମାନ୍‌କର୍ ଭଲ୍ ପ୍ରଦର୍ଶନ୍ ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ନୂଆଁ ରୋଡ଼୍‌ମେପ୍ ତୟାର୍ କରାଯାଇଛେ । ସବୁ ସେକେଣ୍ଡରୀ ବିଦ୍ୟାଳୟମାନ୍‌କେ ସାପ୍ତାହିକ୍ ପରୀକ୍ଷା କରାଯିବା ଆର୍ ସବୁ ବିଷେଥି ଛାତ୍ରଛାତ୍ରୀମାନ୍‌କୁ ଏକ୍ସଟ୍ରା କ୍ଲାସ୍ ଦିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ଇ ବାବ୍‌ଦେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ପଦକ୍ଷେପ୍ ନେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ବିଶ୍ୱ ହିନ୍ଦୀ ଦିବସ୍-ଆକାଶବାଣୀ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ନ ଗଲାକାଏଲ୍ ବିଶ୍ୱ ହିନ୍ଦୀ ଦିବସ୍ ପାଲିତ୍ ହେଇଯାଇଛେ । କେନ୍ଦ୍ର ଅଭିଯାନ୍ତ୍ରିକ ମୁଖ୍ୟ

ସୁବୋଧ୍ କୁମାର୍ ପାଲ୍‌ଙ୍କର୍ ସଭାପତିତ୍ୱଥି ହେଇଥିବା ସଭାଥି କାର୍ଯ୍ୟକ୍ରମ୍ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟଙ୍କର୍ ସହେତେ ଅଲ୍‌ଗା ଅଧିକାରୀ ଆର୍ କର୍ମଚାରୀମାନେ ଉପସ୍ଥିତ୍ ଥିଲେ । ସଭାଥି ପ୍ରଭାରୀ, ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର୍ ହିନ୍ଦୀ ଦିବସ୍‌ର ଆଭିମୁଖ୍ୟ ବାବ୍‌ଦେ କହିଥିଲେ ।

ବର୍‌ଗଡ଼୍ ଧନୁଯାତ୍ରା        ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ୯ ନମ୍ବର୍ ଦିନେ ମଥୁରା ନଗରୀ ନ ମଥୁରା ଆମ୍ରବନଥି ମୁନିରଷିଙ୍କର୍ ଉପ୍‌ରେ କଂସଙ୍କର୍ ଅତ୍ୟାଚାର୍, ରୁଦ୍ରଶୁକ ପ୍ରାପ୍ତି, ଶିବ ତାଣ୍ଡବ୍, କୃଷ୍ଣବଲରାମ୍‌ଙ୍କର୍ ମଥୁରା ପ୍ରବେଶ୍‌ଦୃଶ୍ୟ ଦେଖିବାର୍‌କେ ମିଲ୍‌ବା । ସେନ୍ତା ଗୋପପୁର ନ କୃଷ୍ଣ, ବଲରାମଙ୍କର୍ ବିଦାୟ ଉତ୍ସବ୍, ଶ୍ରୀକୃଷ୍ଣ, ବଲରାମ୍‌ଙ୍କୁ ନେଇକରି ଅକ୍ରୁରଙ୍କର୍ ମଥୁରା ଗମନ୍ ବାଗିର୍ ଦୃଶ୍ୟ ଅଭିନୟ କରାଯିବା ।

ଉତ୍କର୍ଷ ଓଡ଼ିଶା        ଆର୍‌ଏନ୍‌ୟୁ/ ସମ୍ବଲପୁର

ବୀର୍ ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ - ଭିସୁଟ୍ ଠାନେ ଉତ୍କର୍ଷ ଓଡ଼ିଶା-୨୦୨୫ କାର୍ଯ୍ୟକ୍ରମ୍ ହେଇଯାଇଛେ । ବିଶ୍ୱବିଦ୍ୟାଳୟ କୁଳପତି ବିଭୂତି ଭୂଷଣ୍ ପତି, ଷ୍ଟାର୍ଟଅପ୍ ଓଡ଼ିଶାର୍ ସିଏଫ୍ଓ ଆର୍ ଛାତ୍ରକଲ୍ୟାଣ୍ ଡିନ୍ ପ୍ରମୁଖ ଉପସ୍ଥିତ୍ ଥିଲେ । କାର୍ଯ୍ୟକ୍ରମ୍ଥି ଷ୍ଟାର୍ଟଅପ୍ ଓଡ଼ିଶାର୍ ସଫଳତା ଆର୍ ସୁଯୋଗ୍ ବାବ୍ଦେ ସୂଚ୍ନା ଦିଆଯାଇଥିଲା ।

ବାଲ୍ୟବିବାହ ମୁକ୍ତ -ଟାସ୍କଫୋର୍ସ ବୈଠକ୍/ଆର୍ଏନ୍ୟୁ ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଜିଲ୍ଲାର୍ ୬୮ ଟା ଗାଁକେ ବାଲ୍ୟବିବାହ ମୁକ୍ତ ଘୋଷ୍ନା କରାଯାଇଛେ । ଇ ବାବ୍ଦେ ଗଲାକାଏଲ୍ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ୍ ହେଇଯାଇଛେ । ବୈଠକ୍ଥି ବାଲ୍ୟବିବାହକେ ନେଇକରି ଭିନ୍ ଭିନ୍ ବିଭାଗ୍ର ଦାୟିତ୍ୱ ପରିଚାଳନା ଉପ୍ରେ ତଥ୍ୟ ଉପସ୍ଥାପିତ୍ ହେଇଥିଲା ।

ସୁବର୍ଣ୍ଣ ଲୋକ୍ମହୋତ୍ସବ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୋନ୍‌ପୁର୍ ରାମେଶ୍ୱର୍ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ସୁବର୍ଣ୍ଣ ଲୋକ୍‌ମହୋତ୍ସବ୍ ୨୦୨୫ ସହେତେ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ୍ ହେଇଯାଇଛେ । ୫ ଦିନିଆ ଉତ୍ସବ୍‌ଥି ଓଡ଼ିଶା ସହେତେ ରାଜସ୍ଥାନ୍, ଆସାମ୍, ମଥୁରା, ଗୁଜୁରାଟ୍, ମଣିପୁର୍‌ର କଳାକାର୍‌ମାନେ ଲୋକ୍‌ନାଚ୍ ଆର୍ ଲୋକ୍‌ଗୀତ୍ ପରିବେଷଣ୍ କରିଥିଲେ ।

ମଡ଼ିଆ ମଣ୍ଡି -ବର୍‌ଗଡ଼୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲା ପାଇକ୍‌ମାଲ୍ ବ୍ଲକ୍ ପିପଲ୍‌ପାଲି ଗାଁ ନ ଶ୍ରୀଅନ୍ନ ଅଭିଯାନ୍ ତର୍‌ଫୁ ମଡ଼ିଆ ମଣ୍ଡି ଉଦ୍‌ଘାଟିତ୍ ହେଇଛେ । ୨୦୨୪ -୨୫ ଖରିଫ୍ ବଛ୍‌ରେ ବ୍ଲକ୍‌ର ୩ ଟା ମଣ୍ଡି ନୁ ୩ ହଜାର୍ ୭ ଶହ କ୍ୱିଂଟାଲ୍ ମଡ଼ିଆ ଘିନାଯିବା । ସଫାସୁତ୍‌ରା ମଡ଼ିଆ କ୍ୱିଂଟାଲ୍ ପିଛା ୪ ହଜାର୍ ୫ ଶହ ଟଙ୍କାଥି ସର୍‌କାର୍ ଘିନ୍‌ବେ ବଲି ଇ ଉଧେ ଅଧିକାରୀମାନେ କହିଛନ୍ ।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜ୍‌ନା-ବୈଠକ୍/ଦେବ୍‌ଗଡ଼୍ ସମ୍ବାଦଦାତା

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାନେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାଥି ଗଲାକାଏଲ୍ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜ୍ନା ବାବଦ ବୈଠକ ହେଇଯାଇଛେ । ବୈଠକ୍ଥି ଜିଲ୍ଲାର ୭୦ଟା ପଂଚାୟତ୍ ଆର୍ ଗୁଟେ ପୌର ପରିଷଦ୍ ନ ଖରିଫ୍ ଋତୁଥି ହେଇଥିବା ଧାନ ଫସଲ୍ର ୨ ଶହ ୮୪ଟା ନମୁନା ଧାନ୍ କଟାକେ ମଞ୍ଜୁର୍ କରାଯାଇକରି ସରକାରଙ୍କର୍ ପାଖ୍କେ ରିପୋର୍ଟ ପଠାଯିବା ବଲି ବୈଠକ୍ଥି ନିଷ୍ପତି ହେଇଛେ ।

ହକି ଇଣ୍ଡିଆ ଲିଗ୍ ଆର୍ଏନ୍ୟୁ /ସମ୍ବଲପୁର

ରାଉର୍କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ୨ ଟା ମେଚ୍ ହେବା । ପହେଲା ମେଚ୍ ସଞ୍ଜ୍ବେଲର୍ ୬ ବଜେ ସୁର୍ମା ହକି କ୍ଲବ୍ ଆର୍ ହାଇଦ୍ରାବାଦ୍ ତୋଫାନ୍ସ ଭିତ୍ରେ ହେବା । ସେନ୍ତା ୨ ନମ୍ବର୍ ମେଚ୍ ରାତିର୍ ୮ ବାଜିକରି ୧୫ ମିନିଟ୍ଥି ଦିଲ୍ଲୀ ଏସ୍ଜି ପାଇପର୍ସ ଆର୍ ୟୁପି ରୁଦ୍ରାସ୍ ଭିତ୍ରେ ଖେଲ୍ ହେବା ।

ଗଲାକାଏଲ୍ ତାମିଲ୍ନାଡୁ ଡ୍ରାଗନ୍ସ - ସ୍ରାଚୀ ରାହା ବେଙ୍ଗଲ୍ ଟାଇସର୍ସ ୨-୧ ଗୋଲ୍ଥି ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଶୀତ୍ କମ୍‌ବା ଆର୍ ଆଏବା ୩ ଦିନ୍‌ତକ୍ ପାଗ୍ ଶୁଖା ରହେବା । ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, କୋରାପୁଟ୍ ଆର୍ କନ୍ଧମାଲ୍ ଜିଲ୍ଲା ନ ଆଏବା ୨୪ ଘଂଟା ଭିତ୍‌ରେ ବହଲିଆ କୁହୁଡ଼ି ଦେଖାଯିବା ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।